# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 07 June – 2026

************************************

## ମୁଖ୍ୟ ସମ୍ବାଦ

- ରାଜ୍ୟରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନାରେ ପ୍ରଥମ ପର୍ଯ୍ୟାୟରେ ୨ହଜାର ୨୦୦ ବିଦ୍ୟାଳୟର ବିକାଶ ହେବ; କହିଲେ ମୁଖ୍ୟମନ୍ତ୍ରୀ
- ୟୁପିଏସ୍‌ସି ସିଭିଲ ସର୍ଭିସ୍ ଆଶାୟୀମାନଙ୍କ ପାଇଁ ଦେୟମୁକ୍ତ କୋଚିଂ ଲାଗି ରାଜ୍ୟ ସରକାରଙ୍କ ପକ୍ଷରୁ ଦରଖାସ୍ତ ଆହ୍ୱାନ
- ନିଟ୍-ୟୁଜି ପୁନଃ ପରୀକ୍ଷା ପାଇଁ ପରୀକ୍ଷା କେନ୍ଦ୍ର ସମ୍ପର୍କିତ ସହରର ସୂଚନା ଜାରି କଲା ଏନ୍‌ଟିଏ

ଏବଂ

- ରାଜ୍ୟର ବିଭିନ୍ନ ସ୍ଥାନରେ କାଳବୈଶାଖୀଜନିତ ବର୍ଷା; ବିଜୁଳି ଘଡଘଡ଼ି ସହ ବର୍ଷା ହେବା ନେଇ ୨୫ଟି ଜିଲ୍ଲାକୁ ସତର୍କ ସୂଚନା

# ମୁଖ୍ୟମନ୍ତ୍ରୀ

ଶିକ୍ଷାର ମୂଳଦୁଆ ହେଉଛି ପ୍ରାଥମିକ ବିଦ୍ୟାଳୟ। ରାଜ୍ୟର ପ୍ରାଥମିକ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ସରକାର ଐତିହାସିକ ପଦକ୍ଷେପ ନେଇଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଖୋର୍ଦ୍ଧା ଜିଲ୍ଲାସ୍ଥିତ ଶ୍ରୀଲୋକନାଥଦେବ ସରକାରୀ ଉଚ୍ଚ ବିଦ୍ୟାଳୟଠାରୁ ମୁଖ୍ୟମନ୍ତ୍ରୀ ଆଜି ୨୦୪ଟି ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟର ଶୁଭାରମ୍ଭ କରିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଆଗାମୀ ଦିନରେ ୧୨ ହଜାର କୋଟି ଟଙ୍କା ବିନିଯୋଗରେ ରାଜ୍ୟର ପ୍ରାଥମିକ ବିଦ୍ୟାଳୟଗୁଡ଼ିକର ବ୍ୟାପକ ଭିତ୍ତିଭୂମି ବିକାଶ ସହ ଅଧିକ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯିବ।

ଶିକ୍ଷାର ମୂଳ ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ସରକାର ସଂକଳ୍ପବଦ୍ଧ। ରାଜ୍ୟ ସରକାର ପ୍ରାଥମିକ ଶିକ୍ଷା ବ୍ୟବସ୍ଥାରେ ବୈପ୍ଳବିକ ପରିବର୍ତ୍ତନ ଆଣିବା ସହ ପ୍ରତିଟି ଶିଶୁକୁ ବିଶ୍ୱସ୍ତରୀୟ ଶୈକ୍ଷିକ ପରିବେଶ ଯୋଗାଇ ଦେବାପାଇଁ ପଦକ୍ଷେପ ନେଉଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି, ଆଗାମୀ ଦିନରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନାରେ ପ୍ରଥମ ପର୍ଯ୍ୟାୟରେ ୨ ହଜାର ୨୦୦ ବିଦ୍ୟାଳୟର ଉନ୍ନତୀକରଣ ହେବ।

- V/O -

ଆଜି ୨୦୪ଟି ଗୋଦାବରୀଶ ମିଶ୍ର ବିଦ୍ୟାଳୟର ଶିଳାନ୍ୟାସ ହୋଇଥିବାବେଳେ ପୂର୍ବରୁ ବାଣପୁରଠାରୁ ୧୧୮ଟି ବିଦ୍ୟାଳୟର ଶିଳାନ୍ୟାସ କରାଯାଇଥିଲା।

## ମହାନଦୀ ଜଳବିବାଦ

ମହାନଦୀ ଜଳବିବାଦକୁ ନେଇ ଓଡ଼ିଶା-ଛତିଶଗଡ଼ ମଧ୍ୟରେ ଚଳିତ ମାସ ୧୬ ତାରିଖରୁ ୨୬ ତାରିଖ ପର୍ଯ୍ୟନ୍ତ ନୂଆଦିଲ୍ଲୀରେ ଦୁଇ ରାଜ୍ୟର ବୈଷୟିକ ଦଳଙ୍କ ମଧ୍ୟରେ ଆଲୋଚନା ହେବ । ମିଳିଥିବା ସୂଚନା ଅନୁସାରେ, ଉଭୟ ରାଜ୍ୟ ମଧ୍ୟରେ ଜଳ ଆବଣ୍ଟନକୁ ନେଇ ଆପୋଷ ଆଲୋଚନା ମାଧ୍ୟମରେ ସମାଧାନ ପାଇଁ ବିଚାର କରିବା ନେଇ ଟ୍ରିବ୍ୟୁନାଲ୍‌ର ଅଧ୍ୟକ୍ଷା ଜଷ୍ଟିସ୍ ବେଲା ଏମ୍. ତ୍ରିବେଦୀ ଗତ ଶୁଣାଣି ବେଳେ ଦୁଇପକ୍ଷଙ୍କୁ ପରାମର୍ଶ ଦେଇଥିଲେ । ଚଳିତ ମାସ ୨୭ ତାରିଖରେ ମହାନଦୀ ଜଳ ବିବାଦର ଶୁଣାଣି ହେବ ବୋଲି ଜଣାପଡ଼ିଛି ।

## ୟୁପିଏସ୍‌ସି

ୟୁପିଏସ୍‌ସି ସିଭିଲ ସର୍ଭିସ୍ ଆଶାୟୀମାନଙ୍କ ପାଇଁ ଦେୟମୁକ୍ତ କୋଚିଂ ଲାଗି ରାଜ୍ୟ ସରକାରଙ୍କ ପକ୍ଷରୁ ଦରଖାସ୍ତ ଆହ୍ୱାନ କରାଯାଇଛି।

ରାଜ୍ୟ ସରକାର କେନ୍ଦ୍ରୀୟ ଲୋକସେବା ଆୟୋଗ-ୟୁପିଏସ୍‌ସି ପ୍ରଶାସନିକ ସେବା ପରୀକ୍ଷାରେ ସଫଳତା ହାର ବୃଦ୍ଧି ପାଇଁ ୨୦୦ ଜଣ ଯୁବକ-ଯୁବତୀଙ୍କୁ ମାଗଣାରେ କୋଚିଂ ସୁବିଧା ଯୋଗାଇଦେବେ। ଏଥିପାଇଁ ଆସନ୍ତା ୨୮ ତାରିଖରେ ଏକ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବ।

ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ୨୦୦ ଜଣଙ୍କୁ ମାଗଣା କୋଚିଂ ସୁବିଧା ମିଳିବ । ଇଚ୍ଛୁକ ଆଶାୟୀମାନେ ଆସନ୍ତାକାଲିଠାରୁ ଚଳିତମାସ ୧୯ ତାରିଖ ମଧ୍ୟରେ ଉଚ୍ଚଶିକ୍ଷା ବିଭାଗର ସାମ୍ସ୍ ପୋର୍ଟାଲ ମାଧ୍ୟମରେ ଆବେଦନ କରିପାରିବେ ।

## ସିବିଏସ୍ଇ

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ-ସିବିଏସ୍ଇ ପକ୍ଷରୁ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ୨୦୨୬ର ଫଳାଫଳ ପରବର୍ତ୍ତୀ ସେବା ପୋର୍ଟାଲରେ ଆପତ୍ତି ଯାଞ୍ଚ ଏବଂ ଉତ୍ତର ଖାତାର ପୁନଃ ମୂଲ୍ୟାୟନ ପାଇଁ ଆବେଦନ କରିବାର ଆଜି ହେଉଛି ଶେଷ ଦିନ। ସାମାଜିକ ଗଣମାଧ୍ୟମ ପୋଷ୍ଟରେ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ କକ୍ଷରୁ କୁହାଯାଇଛି ଏହି ପୋର୍ଟାଲ ଆଜି ମଧ୍ୟରାତ୍ରି ପର୍ଯ୍ୟନ୍ତ ଖୋଲା ରହିବ। ଛାତ୍ରଛାତ୍ରୀମାନଙ୍କୁ ନିର୍ଦ୍ଧାରିତ ସମୟସୀମା ପୂର୍ବରୁ ନିଜର ଆବେଦନ ପ୍ରକ୍ରିୟା ସମ୍ପୂର୍ଣ୍ଣ କରି ଦାଖଲ କରିବା ପାଇଁ ବୋର୍ଡ ପକ୍ଷରୁ ପରାମର୍ଶ ଦିଆଯାଇଛି ।

## ନିଟ୍-ୟୁଜି

ଦେଶରେ ଆସନ୍ତା ୨୧ ତାରିଖରେ ନିଟ୍-ୟୁଜି ୨୦୨୬ ପୁନଃ ପରୀକ୍ଷା ହେବ । ଏଥିପାଇଁ ପରୀକ୍ଷାର୍ଥୀଙ୍କ ଲାଗି ପରୀକ୍ଷା କେନ୍ଦ୍ର ସମ୍ପର୍କିତ ସହର ଆଲଟମେଣ୍ଟ ହେବା ନେଇ ଜାତୀୟ ପରୀକ୍ଷଣ ସଂସ୍ଥା-ଏନ୍‌ଟିଏ ପକ୍ଷରୁ ସୂଚନା ଦିଆଯାଇଛି। ଛାତ୍ରଛାତ୍ରୀମାନେ ଏନ୍‌ଟିଏର ୱେବ୍‌ସାଇଟ୍ neet.nta.nic.inରେ ଏ ସମ୍ପର୍କିତ ଅଧିକ ତଥ୍ୟ ପାଇପାରିବେ ।

## ସଣ୍ଡେ ଅନ୍ ସାଇକେଲ

ନିରୋଗ ଏବଂ ପରବେଶ ଅନୁକୂଳ ଜୀବନଶୈଳୀ ଆପଣାଇବା ଲାଗି ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଆଜି ଦେଶବ୍ୟାପୀ 'ଫିଟ୍ ଇଣ୍ଡିଆ ସଣ୍ଡେଜ୍ ଅନ୍ ସାଇକେଲ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଯୁବବ୍ୟାପାର ଏବଂ କ୍ରୀଡା ମନ୍ତ୍ରଣାଳୟ ପକ୍ଷରୁ ଡିସେମ୍ବର ୨୦୨୪ ମସିହାରେ ଆରମ୍ଭ କରାଯାଇଥିବା ଏହି କାର୍ଯ୍ୟକ୍ରମ ଏକ ଜନଆନ୍ଦୋଳନରେ ପରିଣତ ହୋଇଛି। ଏହି ପଦକ୍ଷେପ ସାଇକେଲ ଚାଳନାକୁ ଅନେକ ସ୍ୱାସ୍ଥ୍ୟଗତ ସୁଫଳ ସହିତ ଏକ ସ୍ଥାୟୀ, ସମାବେଶୀ ଏବଂ ପରିବେଶ ଅନୁକୂଳ ବ୍ୟାୟାମ ଭାବେ ପ୍ରୋତ୍ସାହିତ କରିଥାଏ।

**ନୟାଗଡ** ଜିଲ୍ଲା ପୁଲସ୍ ପକ୍ଷରୁ 'ଫିଟ୍ ଇଣ୍ଡିଆ ସଣ୍ଡେଜ୍ ଅନ୍ ସାଇକେଲ' ଅବସରରେ ଏକ ସାଇକ୍ଲୋଥୋନ୍‌ର ଆୟୋଜନ କରାଯାଇଥିଲା। ଜିଲ୍ଲା ପୁଲିସ୍ କାର୍ଯ୍ୟାଳୟ, ରିଜର୍ଭ ଅଫିସ୍ ଏବଂ ବରିଷ୍ଠ ପୁଲିସ୍ ଅଧିକାରୀ ଓ କର୍ମଚାରୀମାନେ ଏଥିରେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ।

**ଗଞ୍ଜାମ** ପୁଲିସ୍ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ପୁଲିସ୍ କର୍ମଚାରୀଙ୍କ ଶାରୀରିକ ସୁସ୍ଥତା ବଜାୟ ରଖିବା ଏବଂ ସାଧାରଣ ଜନତାଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟରେ ଏକ ସାଇକେଲ ରାଲିର ଆୟୋଜନ ହୋଇଥିଲା। ଏଥିରେ ଗଞ୍ଜାମ ଆରକ୍ଷୀ ଅଧିକ୍ଷକ ହରୀଶ ବି.ଶି. ଯୋଗଦେଇ କର୍ମଚାରୀମାନଙ୍କୁ ଉତ୍ସାହିତ କରିଥିଲେ।

**ସମ୍ବଲପୁର**ଠାରେ 'ଫିଟ୍ ଇଣ୍ଡିଆ ସଣ୍ଡେଜ୍ ଅନ୍ ସାଇକେଲ' କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ କ୍ରୀଡା ପ୍ରାଧିକରଣ ପ୍ରଭାରୀ ଅଭୟଦେବ ତିୱାରୀଙ୍କ ନେତୃତ୍ୱରେ ଏକ ସାଇକେଲ ରାଲି ଏବଂ ଶାରୀରିକ ସୁସ୍ଥତା ସଂକ୍ରାନ୍ତ ସଚେତନତା ଅଭିଯାନ କରାଯାଇଥିଲା ।

## ଆମ୍ବ ମହୋତ୍ସବ

ରାଜ୍ୟ ସରକାର ଚାଷ ଓ ଚାଷୀଙ୍କ ବିକାଶ ପାଇଁ ଅନେକ ପଦକ୍ଷେପ ନେଉଛନ୍ତି । ଏହି କ୍ରମରେ ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ରୁ ଆଜି ଜର୍ମାନୀ ଓ ଇଟାଲୀକୁ ଆମ୍ବ ରପ୍ତାନି କରାଯାଇଛି । ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଏହାର ଶୁଭାରମ୍ଭ କରିଛନ୍ତି । ଏ ସମ୍ପର୍କରେ ଶ୍ରୀ ସିଂହଦେଓ କହିଛନ୍ତି....

**- V/O –**

## କର୍କଟ ବିଜୟୀ ଦିବସ

କର୍କଟ ରୋଗର କାରଣ ଏବଂ ଏହାର ମୁକାବିଲା ଦିଗରେ ଜନସଚେତନତା ବୃଦ୍ଧି ଲକ୍ଷ୍ୟ ନେଇ ଆଜି ଜାତୀୟ କର୍କଟ ବିଜୟୀ ଦିବସ ପାଳନ କରାଯାଉଛି । ୧୯୮୮ ମସିହାରୁ ପ୍ରତିବର୍ଷ ଜୁନ୍ ମାସ ପ୍ରଥମ ରବିବାରରେ ଏହି ଦିବସ ପାଳିତ ହୋଇଆସୁଛି । ଉପଯୁକ୍ତ ସମୟରେ ରୋଗ ଚିହ୍ନଟ ଏବଂ ଚିକିତ୍ସା କରାଗଲେ କର୍କଟ ରୋଗକୁ ପରାଜିତ କରାଯାଇପାରିବ । ଭାରତୀୟ ଚିକିତ୍ସା ଅନୁସନ୍ଧାନ ପରିଷଦର ଆକଳନ ଅନୁଯାୟୀ ବିଶ୍ୱବ୍ୟାପୀ କର୍କଟ ରୋଗୀ ସଂଖ୍ୟା ତାଲିକାରେ ଭାରତ ତୃତୀୟ ସ୍ଥାନରେ ରହିଛି । ଏହି ରୋଗକୁ ପ୍ରତିହତ କରିବାକୁ ହେଲେ ସଚେତନତା

ଜରୁରୀ । ଏହି ଅବସରରେ ଆଜି ବିଭିନ୍ନ ସ୍ଥାନରେ କେତେକ ସଚେତନତାମୂଳକ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି ।

## ବିଶ୍ୱ ଖାଦ୍ୟ ନିରାପତ୍ତା ଦିବସ

ଖାଦ୍ୟ ପ୍ରସ୍ତୁତି, ସଂରକ୍ଷଣ, ଯୋଗାଣ ଓ ସେବନ ପଦ୍ଧତି ଜରିଆରେ ପୋଷଣ ଓ ଉତ୍ତମ ସ୍ୱାସ୍ଥ୍ୟକୁ ସୁନିଶ୍ଚିତ କରିବା ଲକ୍ଷ୍ୟ ନେଇ ଆଜି ବିଶ୍ୱ ଖାଦ୍ୟ ନିରାପତ୍ତା ଦିବସ ପାଳନ କରାଯାଉଛି। ଚଳିତବର୍ଷର ଏହି ଦିବସର ବାର୍ତ୍ତା ରହିଛି 'ସମସ୍ୟାରୁ ସମାଧାନ ପର୍ଯ୍ୟନ୍ତ, ସବୁ ସ୍ଥାନରେ ସୁରକ୍ଷିତ ଖାଦ୍ୟ'। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁସାରେ, ଖାଦ୍ୟପେୟରୁ ଉତ୍ପନ୍ନ ହେଉଥିବା ରୋଗ ଯୋଗୁଁ ପ୍ରତିବର୍ଷ ପ୍ରାୟ ୪ ଲକ୍ଷ ୨୦ ହଜାରରୁ ଅଧିକ ଲୋକଙ୍କର ମୃତ୍ୟୁ ହୋଇଥାଏ। ଖାଦ୍ୟ ମାନକକୁ ବଜାୟ ରଖିବାର ଗୁରୁତ୍ୱ ଉପରେ ବିଭିନ୍ନ ସଂଗଠନ ପକ୍ଷରୁ ଲୋକମାନଙ୍କ ଭିତରେ ସଚେତନତା ସୃଷ୍ଟି କରାଯାଉଛି। ଅପମିଶ୍ରିତ ଖାଦ୍ୟଠାରୁ ଦୂରେଇ ରହିବା ଏବଂ ଏନେଇ ସଚେତନତା ସୃଷ୍ଟି କରିବା ଲାଗି ଆଜି ବିଭିନ୍ନ ସ୍ଥାନରେ ବିଶ୍ୱ ଖାଦ୍ୟ ସୁରକ୍ଷା ଦିବସ ସଂକ୍ରାନ୍ତ କର୍ମଶାଳା ଓ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇଛି।

## ଏସ୍‌ଆଇଆର

**ନବରଙ୍ଗପୁର** ଜିଲ୍ଲାରେ ସ୍ୱତନ୍ତ୍ର ସଘନ ସଂଶୋଧନ ଜାରି ରହିଛି। ବୁଥ୍‌ସ୍ତରୀୟ ଅଧିକାରୀମାନେ ଘରକୁ ଘର ଯାଇ ବର୍ତ୍ତମାନସୁଦ୍ଧା ୫ ଲକ୍ଷ ୯୫ ହଜାର ୯୦୭ ଜଣଙ୍କୁ ପରିଗଣନା ଫର୍ମ ପ୍ରଦାନ କରିଛନ୍ତି। ଏହି ସମ୍ବନ୍ଧୀୟ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ପାଠଶାଳା

**ମାଲକାନଗିରି** ଜିଲ୍ଲାରେ ନାଗରିକମାନଙ୍କ ମଧ୍ୟରେ ସ୍ୱଚ୍ଛ ନିର୍ବାଚନ ସମ୍ପର୍କିତ ସଚେତନତା ସୃଷ୍ଟି ପାଇଁ 'ଚୁନାଓ ପାଠଶାଳା'ର ଆୟୋଜନ କରାଯାଇଥିଲା। ଏହା ମାଧ୍ୟମରେ ଜନସାଧାରଣଙ୍କ ମଧ୍ୟରେ ଭୋଟର ପଞ୍ଜୀକରଣ ଏବଂ ମତଦାନର ଅଧିକାର ସମ୍ପର୍କରେ ଆଲୋଚନା ହୋଇଥିଲା।

## ଚାରାରୋପଣ

**ନୟାଗଡ଼** ଜିଲ୍ଲା ରଣପୁର ବିଜ୍ଞପିତ ଅଂଚଳ ପରିଷଦ ପକ୍ଷରୁ 'ମା' ପାଇଁ ଗଛଟିଏ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଓଡ଼ିଶା ବିଧାନସଭା ବାଚସ୍ପତି ସୁରମା ପାଢୀ ମୁଖ୍ୟଅତିଥିଭାବେ ଯୋଗଦେଇ ବିଭିନ୍ନ ବୃକ୍ଷ ଚାରାରୋପଣ କରିଥିଲେ।

## ନର୍ସରୀ

**ମାଲକାନଗିରି** ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜସିର୍କେ ଆଜି ଚିତ୍ରକୋଣ୍ଡା ବ୍ଲକ୍ ଅନ୍ତର୍ଗତ ନାଗଲୁର ଗ୍ରାମରେ ଅବସ୍ଥିତ ଜାଫ୍ରା ନର୍ସରୀ ବୁଲି ଦେଖିଥିଲେ। ଏହି ନର୍ସରୀକୁ ଆଇ.ଟି.ଡି.ଏ. ମାଲକାନଗିରି ପକ୍ଷରୁ ସେତୁ କାର୍ଯ୍ୟକ୍ରମ ଅଧୀନରେ ଆରମ୍ଭ କରାଯାଇଛି।

## ପାଣିପାଗ

ରାଜ୍ୟରେ କାଳବୈଶାଖୀଜନିତ ବର୍ଷାର ପ୍ରଭାବରେ ତାପମାତ୍ରା ହ୍ରାସ ପାଇଛି। ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ଆଜି ରାଜ୍ୟର ବିଭିନ୍ନ ସ୍ଥାନରେ ବିଜୁଳି, ଘଡ଼ଘଡ଼ି ସହ ବର୍ଷା ଜାରି ରହିଛି। ଆସନ୍ତା

୨୪ ଘଣ୍ଟା ମଧ୍ୟରେ ବର୍ଷା ହେବା ନେଇ ୨୫ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି।

ଅପର ପକ୍ଷରେ, ଭାରତୀୟ ପାଣିପାଗ ବିଭାଗର ଆକଳନ ଅନୁସାରେ ଆସନ୍ତା ସପ୍ତାହ ଶେଷ ଆଡ଼କୁ ଦକ୍ଷିଣ-ପଶ୍ଚିମ ମୌସୁମୀବାୟୁ ଓଡ଼ିଶା ଛୁଇଁବ। ମୌସୁମୀବାୟୁ ଗତ ଗୁରୁବାର ଦିନ କେରଳମ୍ ସ୍ପର୍ଶ କରିଥିଲା।

## ଶ୍ରାବଣୀ ବିଜୟୀ

ଚୀନ୍ ତାଇପେଇରେ ଖେଳାଯାଉଥିବା ନିୟୁ ତାଇପେଇ ସିଟି ଆଥେଲେଟିକ୍ସ ଓପନ୍ ଟୁର୍ଣ୍ଣାମେଣ୍ଟର ମହିଳା ୪୦୦ ମିଟର ରିଲେ ଦୌଡରେ ଭାରତୀୟ ଦଳ ସ୍ୱର୍ଣ୍ଣପଦକ ବିଜୟୀ ହୋଇଛି। ଏହି ବିଜୟୀ ଦଳ ମଧ୍ୟରେ ଓଡ଼ିଶାର ଶ୍ରାବଣୀ ନନ୍ଦ ମଧ୍ୟ ରହିଛନ୍ତି। ଚୀନ୍ ତାଇପେଇଠାରେ ଆୟୋଜିତ ଏହି ପ୍ରତିଯୋଗିତାରେ ଭାରତୀୟ ଧାବିକା ଶ୍ରାବଣୀ ନନ୍ଦ, ଏସ.ଏସ୍. ସ୍ନେହା, ସୁଦେଷ୍ଣା ଶିଭାଙ୍କର ଏବଂ ତମନ୍ନା ୪୦୦ ମିଟର ରିଲେ ଦୌଡ଼କୁ ୪୪ ଦଶମିକ ୦/୭ ସେକେଣ୍ଡ ସମୟରେ ସମ୍ପନ୍ନ କରି ପ୍ରଥମ ସ୍ଥାନ ଅଧିକାର କରିଥିଲେ।